# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**22 August– 2026**

---

## ବାତାୟନ ଅନୁମୋଦନ ବୈଠକ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କର୍ତ୍ତୃପକ୍ଷ ବୈଠକରେ ଦୁଇହଜାର ୭୮୦କୋଟି ୧୦ଲକ୍ଷ ଟଙ୍କାର ୧୪ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୧୪ହଜାର ୧୦୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏଥିରେ ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଓ ପୋଷାକ, ରସାୟନିକ ଉତ୍ପାଦ, ଚିକିତ୍ସା ଉପକରଣ, ଇସ୍ପାତ ଓ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରରୁ ଆସିଥିବା ପ୍ରସ୍ତାବଗୁଡିକ ଅନୁମୋଦନ ଲାଭ କରିଛି ।

## ମହାନଦୀ ଜଳବିବାଦ

ମହାନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ଶୁଣାଣି ହୋଇଛି । ଶୁଣାଣି ପରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି, ଏହାର ସମାଧାନ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ ବୈଷୟିକ ଟିମ୍ ଗଠନ କରି ବିଶ୍ଳେଷଣ କରୁଛନ୍ତି । ଓଡିଶା ଓ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଯୋଗୁଁ ସମାଧାନ ଆଶା ଉଜ୍ଜ୍ୱଳ ରହିଛି । ଆସନ୍ତା ମାସ

୧୭ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

## ସମୀକ୍ଷା ବୈଠକ

ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ପିଜି କାଉନସିଲ  ଅଧ୍ୟକ୍ଷମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ବିଶ୍ୱବିଦ୍ୟାଳୟଗୁଡିକରେ ଖାଲି ପଡିଥିବା କର୍ମଚାରୀଙ୍କ ପଦବୀ ପୂରଣ, ନିଯୁକ୍ତି ପ୍ରକ୍ରିୟା ପାଇଁ ବିଷୟଭିତ୍ତିକ ଚୟନ କମିଟି ଗଠନ ତଥା ଆନୁଷଙ୍ଗିକ ପକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା ହୋଇଥିଲା ।ସମସ୍ତ ବିଶ୍ୱବିଦ୍ୟାଳୟରେ ଷ୍ଟାର୍ଟଅପ ଇକୋସିଷ୍ଟମକୁ ସୁଦୃଢ କରିବା ଉପରେ ଶ୍ରୀ ସୂରଜ ଗୁରୁତ୍ୱ ଦେଇଥିଲେ ।

## ଆଇପିଏସ୍ ସ୍ତରରେ ଅଦଳବଦଳ

ରାଜ୍ୟ ସରକାର ବରିଷ୍ଠ ପୁଲିସ ଅଧିକାରୀ-ଆଇପିଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ୬ଜଣ ଆଇପିଏସ୍ ଅଧିକାରୀଙ୍କ ବଦଳି ଓ ନିଯୁକ୍ତି ନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ସମ୍ବଲପୁର ଉତ୍ତରାଞ୍ଚଳ ଆଇ.ଜି ଥିବା ହିଂମାଶୁ ଲାଲଙ୍କୁ ଭୁବନେଶ୍ୱର ଅର୍ଥନୈତିକ ଅପରାଧ ଶାଖା ଏବଂ ଏସ.ଟି.ଏଫ ଆଇଜି ଭାବେ ନୂତନ ଦାୟିତ୍ୱ ମିଳିଛି । ସେହିଭଳି ସତ୍ୟବ୍ରତ ଭୋଇଙ୍କୁ ରାଜ୍ୟ ଗୁଇନ୍ଦା ବିଭାଗର ଆଇ.ଜି., ଜୟନାରାୟଣ ପଙ୍କଜଙ୍କୁ

ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇ.ଜି., ନିତି ଶେଖରଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି ।

## ବୈଠକ

ନାବାର୍ଡ ସହାୟତାରେ ରାଜ୍ୟରେ ଚାଲିଥିବା ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ଜଣାପଡିଛି, ପୂର୍ବରୁ ଅନୁମୋଦିତ ୧୯୨ଟି ପ୍ରକଳ୍ପ ମଧ୍ୟରୁ ୧୨୪ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ତେବେ ୬୮ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ନିର୍ମାଣ ବିଭାଗ ସଚିବ ସଞ୍ଜୟ କୁମାର ସିଂ ଗୁରୁତ୍ୱ ଦେଇଛନ୍ତି ।

## ବିଭିନ୍ନ ଯୋଜନାର ସମୀକ୍ଷା

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ କେନ୍ଦ୍ର ସାମାଜିକ, ନ୍ୟାୟ ଓ ସଶକ୍ତିକରଣ ବିଭାଗର ସଚିବ ସୁଧାଂଶୁ ପନ୍ଥ ବୈଠକ  କରି ରାଜ୍ୟ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା ହୋଇଥିଲା

# ରେଳପଥ ନିର୍ମାଣ

ତାଳଚେର-ବିମଳାଗଡ ନୂତନ ବ୍ରଡଗେଜ ରେଳପଥ ନିର୍ମାଣ ଜମି ଅଧିଗ୍ରହଣ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ  ରେଳପଥ ପ୍ରକଳ୍ପର ଜମି ଅଧିଗ୍ରହଣ ସ୍ଥିତି, ବିଚାରାଧୀନ ମାମଲା ଏବଂ ରେଳପଥ ନିର୍ମାଣ କାର୍ଯ୍ୟରେ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା ।

# ହୋମଷ୍ଟେ ମାଲିକ

ଗ୍ରାମାଞ୍ଚଳରେ ଥିବା ଘରୋଇ ରହଣୀ-ହୋମଷ୍ଟେଗୁଡିକ କ୍ଷେତ୍ରରେ ବ୍ୟବସାୟ ଚଳାଇବା ପାଇଁ ହୋମଷ୍ଟେ ମାଲିକଙ୍କୁ ସମ୍ପୃକ୍ତ ପଞ୍ଚାୟତରୁ ଲାଇସେନ୍ସ ଆଣିବାକୁ ପଡିବ । ଯଦି ପଞ୍ଚାୟତ ଲାଇସେନ୍ସ ପ୍ରଦାନ ନ କରେ ତେବେ ଆବେଦନକାରୀଙ୍କୁ ପଞ୍ଚାୟତ ପାଖରେ ଏକ ଲିଖିତ ସ୍ୱୀକାରୋକ୍ତି ଦାଖଲ କରିବାକୁ ପଡିବ ବୋଲି ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ପର୍ଯ୍ୟଟନ ଭିତ୍ତିଭୂମି

ମାଲକାନଗିରି ଜିଲ୍ଲା ବଣ୍ଡାଘାଟି ଅନ୍ତର୍ଗତ ମୁଦୁଲିପଡାସ୍ଥିତ ସୀତାକୁଣ୍ଡରେ ସାମଗ୍ରିକ ବିକାଶ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସୀତାକୁଣ୍ଡ ବୁଲି ଦେଖିବା ସହ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷା ଓ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ନେଇ ଆଲୋଚନା କରିଛନ୍ତି । ଏହା ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସିଲଭର ମିଟ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜି ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍ ଅନୁଷ୍ଠିତ ହେଉଛି । ପ୍ରତିଯୋଗିତାରେ ୨୭ଟି ଦେଶର ୧୮୭ ଜଣ ଆଥଲେଟ୍ ଅଂଶଗ୍ରହଣ କରିବେ।

ଏହି ଏକଦିବସୀୟ ପ୍ରତିଯୋଗିତାରେ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ଭାବେ ୧୮ଟି ଇଭେଣ୍ଟ ରହିଛି। ୨୦୨୮ ମସିହାରେ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଇନ୍‌ଡୋର ଚାମ୍ପିଅନ୍‌ସିପ୍ ଓ ଏସୀୟ ଇନ୍‌ଡୋର ଆଇଲେଟିକ୍ସ ଚାମ୍ପିଅନ୍‌ସିପ୍ ପାଇଁ ଏହା ଏକ ବଡ଼ ପ୍ରସ୍ତୁତି ପଦକ୍ଷେପ।

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ପଶ୍ଚିମ ବଙ୍ଗୋପସାଗର, ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।